NP-7527/380

# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ,ବାଲେଶ୍ୱର

ନୋଟିସ ନଂ 133 /ଗୃହରକ୍ଷୀ ତା-19/02/2025

ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡିଶା, କଟକ ଙ୍କ ଚିଠି ସଂଖ୍ୟା ୨୩୬ /ଗୃହରକ୍ଷୀ ତା ୦୫/୦୨/୨୦୨୫ ରିଖ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ରେ ନିମ୍ନଲିଖିତ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀମାନଙ୍କ ଠାରୁ ନିର୍ଧାରିତ ଫର୍ମ ରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act-1961, Odisha Home Guards Rules, 1962 and Circular Order No.01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

| Sl No | ବର୍ଗ (Category) | ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା (Vacancy Nos Post) | ଯୋଗ୍ୟତା (Eligibility) | ବୟସ ସୀମା (Age) | ଶିକ୍ଷାଗତ ଯୋଗ୍ୟତା (Education Qualification) |
|---|---|---|---|---|---|
| 1 | ଗୃହରକ୍ଷୀ ସାଧାରଣ | 158 (ପୁରୁଷ)<br>09 (ମହିଳା) | ୧. ଆବେଦନକାରୀ ବାଲେଶ୍ୱର ଜିଲ୍ଲା ର ଯେକୌଣସି ଅଞ୍ଚଳର ହୋଇଥିବା ଆବଶ୍ୟକ ।<br>୨. ଆବେଦନକାରୀ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ଲେଖିବା ଜାଣିବା ଆବଶ୍ୟକ।<br>୩. ଆବେଦନକାରୀ କୌଣସି ଫୌଜଦାରି ମକଦ୍ଦମା ରେ ସମ୍ପୃକ୍ତ ନଥିବେ।<br>୪. ଆବେଦନକାରୀ ସୁସ୍ଥ ସବଳ ହୋଇଥିବେ। ଶାରୀରିକ ବିକଳାଙ୍ଗ ହୋଇନଥିବେ। | ଆବେଦନକାରୀ ଙ୍କ ବୟସ ତା. ୦୧/୦୧/୨୦୨୫ ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଏବଂ ୬୦ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। | ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ.ପି ଷ୍ଟାଣ୍ଡ (Class-V ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । |
| | **Total** | **167** | **(One Hundred Sixty Seven)** | | |

- ଆବେଦନକାରୀ ନିର୍ଧାରିତ ଫର୍ମ (Form-A) ପୂରଣ କରି ସିଧାସଳଖଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲଶ୍ୱରଠାରେ ତା ୨୧.୦୨.୨୦୨୫ ରିଖ ରୁ ଅପରାହ୍ଣ ତା **୦୪.୦୩.୨୦୨୫** ସୁଦ୍ଧା ଦାଖଲ କରିବା ଆବଶ୍ୟକ । ନିର୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।
- ଆବେଦନକାରୀ ନିର୍ଧାରିତ ଫର୍ମ ସହିତ ଆଧାର କାର୍ଡ, ଆବାସିକ, ବୟସ ଓ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଦକ୍ଷତା ପ୍ରମାଣପତ୍ର ଗୁଡିକର ନକଲ ଓ ୪ ଗୋଟି ପାସପୋର୍ଟ ଆକାର ର ନିଜ ଫଟୋ ସଂଲଗ୍ନ କରି ଦେବେ ।
- ଆବେଦନକାରୀ Driving/ Computer/ Electrician/Mechanic/Laundry/Cook/ Hair Cutting ରେ ଅଭିଜ୍ଞତା ରହିଥିଲେ ଉକ୍ତ ଚୟନ ପରୀକ୍ଷା ରେ ଅଗ୍ରାଧିକାର ଦିଆଯିବ ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ । ଏତଦ ବ୍ୟତୀତ ଚୟନ ପରୀକ୍ଷା ରେ କୌଣସି ପ୍ରକାରରେ Selection Board ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କ ର ଗୃହରକ୍ଷୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କ ର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ ।

19/2/25

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ବାଲେଶ୍ୱର

Commandant
Home Guards, Balasore

Memo No. 134 /HGs Dated. 19/02/2025

Copy submitted to DIPRO, Balasore for publication in local odia daily news paper for wide circulation.

Sd/
Commandant Home Guards
Balasore

Memo No. 135 /HGs Dated. 19/02/2025

Copy to all IsIC/OsIC of Balasore District for publication in Notice Board for wide circulation.

Sd/
Commandant Home Guards
Balasore

Memo No. 136 /HGs Dated. 19/02/2025

Copy submitted to Collector, Balasore for favour of information.

Sd/
Commandant Home Guards
Balasore

Memo No. 137 /HGs Dated. 19/02/2025

Copy submitted to IGP,ER, Balasore for favour of information.

Sd/
Commandant Home Guards
Balasore

Memo No. 138 /HGs Dated. 19/02/2025

Copy submitted to Commandant General Home Guards, Odisha, Cuttack for favour of information.

19/2/25
Commandant Home Guards
Balasore

Commandant
Home Guards, Balasore

THI-2240/19

## ଫାରମ 'କ'

(ନିୟମ ୪ ଦ୍ରଷ୍ଟବ୍ୟ)

ଆବେଦନ ପତ୍ର

ମାନନୀୟ,

କମାଣ୍ଡେଣ୍ଟ ହୋମଗାର୍ଡ, ବାଲେଶ୍ୱର, ଓଡ଼ିଶା ।

ମୁଁ ଘୋଷଣା କରୁଅଛି ଯେ ମୁଁ ଭାରତର ନାଗରିକ ଓ ମୁଁ ଓଡ଼ିଶାର ଗୃହରକ୍ଷୀଦଳର ସଦସ୍ୟ ରୂପେ ତାଲିକାଭୁକ୍ତ ହେବାକୁ ଇଚ୍ଛା କରୁଅଛି ଏବଂ ତାଲିକାଭୁକ୍ତ ହେବାପରେ ଅନ୍ତତଃ ତିନିବର୍ଷ ପର୍ଯ୍ୟନ୍ତ ସ୍ଥାୟୀଭାବରେ ଓଡ଼ିଶାର ସୀମାତ୍ୟାଗ କରିବା ପାଇଁ ମୋର ଅଭିପ୍ରାୟ ନାହିଁ ଏବଂ ଅନ୍ୟ କୌଣସି ବାହିନୀରେ ସେବା କରିବା ପାଇଁ ମୋର ଦାୟିତ୍ୱ ନାହିଁ ।

ମୁଁ ଜାଣୁଅଛି ଯେ:-

୧/ ଜରୁରୀ କାଳରେ ଯେ କୌଣସି ସମୟରେ ଓ ଯେ କୌଣସି କାଳ ନିମିତ୍ତ ଏବଂ ଓଡ଼ିଶାର ଯେ କୌଣସି ଅଂଶରେ କର୍ତ୍ତବ୍ୟ କରିବାକୁ ଆହୂତ ହେବା ଲାଗି ଦାୟୀ ରହିବି ।

୨ । ମୁଁ ମୋର ଉପରିସ୍ଥ ଅଫିସରଙ୍କ ଆଦେଶ ଅନୁଯାୟୀ ତାଲିମ ନେବାକୁ ଓ ପ୍ୟାରେଡ୍‌ରେ ଯୋଗ ଦେବାକୁ ଦାୟୀ ରହିଛି ।

୩ । ମୋତେ ନିମ୍ନଲିଖିତ ଶପଥ ଗ୍ରହଣ କରିବାକୁ ପଡିବ, ଅର୍ଥାତ୍ –

ମୁଁ ............................................................ ବାସସ୍ଥାନ.............................................. ସତ୍ୟନିଷ୍ଠ ଓ ଅକପଟ ଭାବରେ ଘୋଷଣା କରୁଛି ଯେ ମୁଁ ଗୃହରକ୍ଷୀଦଳର ସଦସ୍ୟ ଭାବରେ ଅନୁଗ୍ରହ ବା ପ୍ରୀତି, ଈର୍ଷା ବା ବିଦ୍ୱେଷ କିମ୍ବା ସାମ୍ପ୍ରଦାୟିକ ବା ରାଜନୈତିକ ପକ୍ଷପାତ ବ୍ୟତୀତ ଉତ୍ତମରୂପେ ଓ ସଦ୍‌ଭାବରେ ଓଡ଼ିଶା ସରକାରଙ୍କ ସେବା କରିବି ଏବଂ ମୁଁ କୌଣସି ଜରୁରି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଂକଟ କାଳରେ ଲୋକଙ୍କର ସେବା କରିବା ପାଇଁ ଏବଂ ଲୋକଙ୍କୁ ଆଶ୍ରୟ ଦାନ, ସମ୍ପତ୍ତିର ସୁରକ୍ଷା ଓ ସାଧାରଣ ନିରାପତ୍ତା ନିମିତ୍ତ ମୋତେ ସମନୁଦେଶିତ ହୋଇଥିବା କୃତ୍ୟ ଓ କର୍ତ୍ତବ୍ୟ ମୁଁ ମୋର କ୍ଷମତା ଅନୁଯାୟୀ ନିର୍ବହନ କରିବି ଏବଂ ମୁଁ ମୋର ଦକ୍ଷତା ଓ ଜ୍ଞାନମତେ ସେପରି ସଭ୍ୟ ରୂପେ ସମସ୍ତ କର୍ତ୍ତବ୍ୟ ବିଧି ଅନୁଯାୟୀ ନିର୍ବହନ କରିବି ।

୪ । ଓଡ଼ିଶା ଗୃହରକ୍ଷୀଦଳ ନିୟମାବଳୀ, ୧୯୬୨, ଅନୁଯାୟୀ ମୋତେ ଉସ୍ତଫା ଦେବାକୁ ଅନୁମତି ଦିଆ ନ ଗଲେ ମୋତେ ଗୃହରକ୍ଷୀ ଦଳରେ ତିନିବର୍ଷ କାଳ ସେବା କରିବାକୁ ପଡିବ ।

୧। ପୁରାନାମ..............................................................................................................

2 । ଠିକଣା (ବାସସ୍ଥାନ)....................................................................................

୩ । ମୋବାଇଲ ନମ୍ବର ....................................................................................

୪ । ଜନ୍ମ ତାରିଖ..............................................................................................................

୫ । ଜନ୍ମ ସ୍ଥାନ (ଗ୍ରାମ/ସହର)....................................................................................

(ଦେଶ ବା ଜିଲ୍ଲା)..............................................................................................................

୬। ଜୀବିକା ବା ବୃତ୍ତି..............................................................................................................

କ୍ରମଶଃ...........